# Akashvani, Sambalpur

# SAMBALPURI NEWS BULLETIN

## 3 October 2024- 6.47- 6.52 am.

*********************************************

ମୁଖ୍ୟମନ୍ତ୍ରୀ- ନୂଆଦିଲ୍ଲୀ		ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏବା ୫ ବଛ୍‌ରେ ରାଏଜେ ଅଢ଼େଇ ଲାଖ୍ କୋଟି ଟଙ୍କାର୍ ପୁଞ୍ଜିନିବେଶ୍ କର୍‌ବାର୍ ଲକ୍ଷ୍ୟ ରହିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଗଲାକାଏଲ୍ ସଞ୍ଜ୍‌ବେଲେ ୨ ଦିନିଆ ନୂଆଦିଲ୍ଲୀ ଗସ୍ତ ନ ଯାଇଛନ୍ । ଭୁବ୍‌ନେଶ୍ୱର୍ ବିମାନ୍ ବନ୍ଦର୍ ନ ଗଣମାଧ୍ୟମ୍‌କେ ପ୍ରତିକ୍ରିୟା ଦେଇକରି ମୁଖ୍ୟମନ୍ତ୍ରୀ କହିଛନ୍ ଯେ, ଓଡ଼ିଶାକେ ବଡ଼ ସଂଖ୍ୟାଥି ପୁଞ୍ଜିନିବେଶ୍‌କାରୀଙ୍କୁ ଆକୃଷ୍ଟ କର୍‌ବାର୍‌କେ ସେ ଚେରେଷ୍ଟା କର୍‌ବେ । ଇ ଦୁଇଦିନିଆ ଗସ୍ତଥି ଭିନ୍ ଭିନ୍ ପୁଞ୍ଜିନିବେଶ୍‌କାରୀଙ୍କର୍ ସାଙ୍ଗେ ସିଧାସଲଖ୍ ଆଲୋଚନା କର୍‌ବେ । ଇତାର୍‌ସହେତେ ଆଏବା ଦିନେ ଓଡ଼ିଶା ନ ହେବାର୍‌କେ ଥିବାର୍ ପୁଞ୍ଜିନିବେଶ୍‌କାରୀଙ୍କର୍ ସମ୍ମିଳନୀଥି ଯୋଗ୍ ଦେବାର୍‌କେ ସେମାନ୍‌କୁ ନିଉତା ଦେବେ ବଲି ମୁଖ୍ୟମନ୍ତ୍ରୀ କହିଛନ୍ । ସେ ଆହୁରି କହିଛନ୍ ଯେ, ଫୁଡ୍ ପ୍ରୋସେସିଂ, ଆଇଟି, କେମିକାଲ୍ ବାଗିର୍ କ୍ଷେତ୍ରଥି ପୁଞ୍ଜିନିବେଶ୍ ଲାଗି ଜୋର୍

ଦିଆଯିବାର୍ ସଙ୍ଗେ ଇ କ୍ଷେତ୍ର ନ କାମ୍ କରୁଥିବା ଭିନ୍ ଭିନ୍ ନିବେଶକାରୀଙ୍କର୍ ସଙ୍ଗେ ଆଲୋଚନା କରାଯିବା । ଇନ ଜନେଇ ଦିଆଯାଇପାରେ ଯେ, ଆଏବା ବଛର୍ ଜାନୁଆରୀ ୨୮ ଆର୍ ୨୯ ତାରିଖ୍ ଦିନ ଉତ୍କର୍ଷ ଓଡ଼ିଶା, ମେକ୍ ଇନ୍ ଓଡ଼ିଶା-୨୦୨୫ କନ୍‌କ୍ଲେଭ୍ ଆୟୋଜନ୍ କରାଯିବା ।

ଜଙ୍ଗଲ, ଜଲବାୟୁ ପରିବର୍ତ୍ତନ୍ ମନ୍ତ୍ରୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିକାଶ, ନୂଆଁ ଜ୍ଞାନ୍‌କୌଶଲ୍ ଆର୍ ଲଗାତାର୍ ଜୈବ ବିବିଧତାର କ୍ଷୟ କାରଣ୍‌ନୁ ପୁର୍‌ଥିର୍ ତାପମାତ୍ରା ବଢୁଛେ । ଆଏବା ପିଢ଼ି ଲାଗି ଇଟା ବିପଦ୍‌ଜନକ୍ ବଲି କେନ୍ଦ୍ର ପରିବେଶ, ଜଙ୍ଗଲ ଆଉ ଜଲବାୟୁ ପରିବର୍ତ୍ତନ୍ ମନ୍ତ୍ରୀ ଭୂପେନ୍ଦ ଯାଦବ୍ କହିଛନ୍ । ଭୁବ୍‌ନେଶ୍ୱର୍ ନ ଗଲାକାଏଲ୍ ହେଇଥିବା ପୁନଶ୍ଚ ପୃଥିବୀ ସମ୍ମିଲନୀକେ ଉଦ୍‌ଘାଟନ୍ କରିକରି କେନ୍ଦ୍ରମନ୍ତ୍ରୀ କହିଛନ୍ ଯେ, ପୁର୍‌ଥିର୍ ସୁରକ୍ଷା ଲାଗି ଭିନ୍ ଭିନ୍ ଜାଗାନୁ ବାହାରୁଥିବା ଅଙ୍ଗାରକାମ୍ଳ ଗେସ୍‌କେ ପୁରାପୁରି ଶୂନ୍ କର୍‌ବାର୍ ଦର୍‌କାର୍ ରହିଛେ ।

ଏନ୍‌ଇପି- ୨୦୨୦ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଖୋବ୍ ଜଲ୍ଦି ଜାତୀୟ ଶିକ୍ଷାନୀତି-ଏନ୍ଇପି- ୨୦୨୦ ଲାଗୁ ହେବାର୍କେ ଯାଉଛେ । ଇଥିର୍ଲାଗି ରାଜ୍ୟ ସର୍କାର୍ ଗୁଟେ ବ୍ଲୁ ପ୍ରିଂଟ୍ ପ୍ରସ୍ତୁତ୍ କରିଛନ୍ ବଲି ଉଚ୍ଚଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ରାଏଜେ ଉଚ୍ଚଶିକ୍ଷା ବ୍ୟବସ୍ଥାଥି ଜାତୀୟ ଶିକ୍ଷାନୀତି -୨୦୨୦ ପ୍ରଣୟନ କର୍ବାର୍କେ ନେଇକରି ରାଜ୍ୟର୍ ଭିନ୍ ଭିନ୍ ସର୍କାରୀ ବିଶ୍ୱବିଦ୍ୟାଲୟର୍ ତୟାରି ବାବ୍ଦେ ଗଲାକାଏଲ୍ ଲୋକ୍ସେବା ଭବନ୍ ନ ଗୁଟେ ବୈଠକ୍ ହେଇଯାଇଛେ । ଇ ବୈଠକ୍ଥି ଉଚ୍ଚଶିକ୍ଷାମନ୍ତ୍ରୀ ଅଧ୍ୟକ୍ଷତା କରିକରି କହିଛନ୍ ଯେ, ଇ ଶିକ୍ଷାନୀତି ଲାଗୁ ହେଲେ ଶିକ୍ଷା ବ୍ୟବସ୍ଥାଥି ଦେଖାଦେଇଥିବା ସମସ୍ୟା ଆର୍ ଅଭାବ୍କେ ଦୂର୍ କରାଯାଇପାର୍ବା । ସେନ୍ତା ଶିକ୍ଷାନୁଷ୍ଠାନମାନ୍କର୍ ଭିତିଭୂମି ଭିଲ୍ ମଜ୍ବୁତ୍ ହେବା । ଆଉ ୧ ନୁ ୩ ହପ୍ତା ଭିତ୍ରେ ଇ ବାବ୍ଦେ ଉପର୍ସ୍ତରଥି ଆଲୋଚନା କରାଯାଇକରି ରାଏଜେ ଏନ୍ଇପି ଲାଗୁ କରାଯିବା ବଲି ମନ୍ତ୍ରୀ କହିଛନ୍ । ଇ ବୈଠକ୍ଥି ଉତ୍କଳ ବିଶ୍ୱବିଦ୍ୟାଲୟ, ରେଭେନ୍ସା ବିଶ୍ୱବିଦ୍ୟାଲୟ, ସମ୍ବଲ୍ପୁର୍ ବିଶ୍ୱବିଦ୍ୟାଲୟ, ଗଙ୍ଗାଧର୍ମେହେର୍ ବିଶ୍ୱବିଦ୍ୟାଲୟ ସହେତେ ଅଲ୍ଗା ବିଶ୍ୱବିଦ୍ୟାଲୟର୍ କୁଲପତିମାନେ ଭାଗ୍ ନେଇଥିଲେ ।

ବିଦ୍ୟାଲୟ, ଗଣଶିକ୍ଷା ବିଭାଗ୍ -ଶିକ୍ଷକ୍ ପଦ୍ବୀ ପୂରଣ୍

ଆର୍ଏନ୍ୟୁ/ ସମ୍ବଲପୁର

ରାଏଜେ ହାଇସ୍କୁଲ୍‌ମାନ୍‌କେ ଖାଲିପଡ଼ିଥିବା ଶିକ୍ଷକ୍ ପଦ୍‌ବୀ ବହୁତ୍ ଜଲ୍‌ଦି ପୂରଣ୍ ହେବା । ଇଥିର୍‌ଲାଗି ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ପ୍ରକ୍ରିୟା ମୁଲ୍ ହେଇଛେ । ଜିଲ୍ଲା ଶିକ୍ଷାଧିକାରୀମାନ୍‌କୁ ସ୍କୁଲ୍‌ମାନ୍‌କେ ଖାଲିଥିବା ଶିକ୍ଷକ୍ ପଦ୍‌ବୀ ବାବ୍‌ଦେ ମାଧମିକ ଶିକ୍ଷା ନିର୍ଦ୍ଦେଶକଙ୍କୁ ରିପୋର୍ଟ ଦେବାର୍‌କେ ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ନିଯୁକ୍ତି କର୍‌ବାର୍ ଦାୟିତ୍ୱ ଓଡ଼ିଶା ଷ୍ଟାଫ୍ ସିଲେକ୍ସନ୍ କମିଶନ୍- ଓଏସ୍‌ଏସ୍‌ସି କେ ଦିଆଯାଇଛେ । ନିଯୁକ୍ତିର୍ ୨ ବଛର୍‌ତକ୍ ଶିକ୍ଷକ୍‌ମାନ୍‌କୁ ପ୍ରୋବେସନ୍ ପିରିୟଡ୍‌ଥି ରଖାଯିବା । ଇତାର୍‌ଉତ୍‌ରୁ ସେମାନ୍‌କର୍ ଯୋଗ୍ୟତା ଦେଖିକରି ନିୟମିତ କରାଯିବା । ଇ ବାବ୍‌ଦେ ବିଦ୍ୟାଳୟ ଆଉ ଗଣଶିକ୍ଷା ବିଭାଗ୍ ତର୍‌ଫୁ ଗୁଟେ ସଂକଳ୍ପ ପତ୍ର ବାହାରିଛେ ।

ନବରାତ୍ର ପୂଜା ଆର୍‌ଏନ୍‌ୟୁ/ ସମ୍ବଲପୁର

ଆଏଜ୍ ଦଶ୍‌ରା ମାସର୍ ଉଜଲ୍‌ପଖ୍ ପ୍ରତିପଦା ତିଥି ନୁ ରାଜ୍ୟର୍ ସବୁ ଶକ୍ତିପୀଠ ମାନ୍‌କେ ମା ଦୁର୍ଗାଙ୍କର୍ ନବରାତ୍ରୀ ପୂଜା ମୁଲ୍ ହେଉଛେ । ଇ ଅବ୍‌ସରେ ସମ୍ବଲ୍‌ପୁର୍ ମା ସମଲେଶ୍ୱରୀ, ପାଟଣେଶ୍ୱରୀ, ସୁବର୍ଣ୍ଣପୁର୍‌ର ସୁରେଶ୍ୱରୀ, ନୂଆପଡ଼ାର ରକ୍ତାମ୍ବରୀ, କଳାହାଣ୍ଡିର ମାଣିକେଶ୍ୱରୀ, ବଲାଙ୍ଗିର୍‌ର ସମଲେଶ୍ୱରୀ, ପାଟ୍‌ନାଗଡ୍‌ର ପାଟେଣେଶ୍ୱରୀ ଆର୍ ଶକ୍ତିପୀଠମାନ୍‌କେ ସ୍ୱତନ୍ତ୍ର ପୂଜା ମୁଲ୍ ହେବା ।

ମହାଲୟା ଆର୍‌ଏନ୍‌ୟୁ / ସମ୍ବଲପୁର

ସମ୍ବଲପୁର୍‌ର ଶ୍ରୀ ଶ୍ରୀ ସମଲେଶ୍ୱରୀ ମନ୍ଦିର୍ ନ ମା' ଧବଲ୍‌ମୁଖୀ ବେଶଥି ଦର୍ଶନ୍ ଦଉଛନ୍ । ଇ ଦର୍ଶନ୍‌କେ ଗଙ୍ଗାଦର୍ଶନ୍ ବଲି ଭିଲ୍ କୁହାଯାଏସି । ଧାରିଜ୍ ହେଇଥିବା ନୀତିନିର୍ଘଂଟ ଅନ୍‌ସାରେ ସଖାଲର୍ ୫ ବଜେନୁ ମା ସମଲେଇଙ୍କର୍ ଧବଲ୍‌ମୁଖୀ ଦର୍ଶନ୍ ମୁଲ୍ ହେଇଛେ । ଭୋଗ୍ ଲାଗି ଦିନର୍ ୧୧ ବାଜିକରି ୫୫ ମିନିଟ୍ ନୁ ସାଢ଼େ ୧୨ ବଜେତକ୍ ଦର୍ଶନ୍ ବନ୍ଦ୍ ରହେବା । ସେନ୍ତା ସଞ୍ଜବେଲାର୍ ୭ ବାଜିକରି ୪୫ ମିନିଟ୍‌ନୁ ସାଢ଼େ ୮ ବଜେତକ୍ ସନ୍ଧ୍ୟା ଆଲ୍‌ତୀ ଲାଗି ସାଧାରଣ୍ ଲୁକେ ମା'ଙ୍କର୍ ଦର୍ଶନ୍ ନାଇଁ କରିପାରନ୍ । ଇନ ଜନେଇ ଦିଆଯାଇପାରେ ଯେ, ମା' ଧବଲ୍‌ମୁଖୀ ବେଶଥି ଆଏବା କାଏଲ୍‌ତକ୍ ଦର୍ଶନ୍ ଦେବେ ।

ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ କଲାହାଣ୍ଡି ସମ୍ବାଦଦାତା

କଲାହାଣ୍ଡି ଜିଲ୍ଲା ଥୁଆମୁଲ୍ ରାମପୁର୍ ବ୍ଲକ୍‌ର ସାଇସୁରନୀ ଠାନେ ଥିବା ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟକେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଭର୍ଚୁଆଲ୍ ମୋଡ୍‌ଥି ଉଦ୍‌ଘାଟନ୍ କରିଛନ୍ । ଇ ଅବ୍‌ସରେ ହେଇଥିବା କାର୍ଯ୍ୟକ୍ରମ୍‌ଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ଖେଲ୍‌କୁଦ୍ ପ୍ରତିଯୋଗିତା        ଦେବ୍‌ଗଡ୍ ସମ୍ବାଦଦାତା

ଦେବ୍‌ଗଡ୍ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଇନ୍ଦିରାଗାନ୍ଧୀ ଷ୍ଟାଡ଼ିୟମ୍ ଠାନେ ଜିଲ୍ଲାସ୍ତରୀୟ ବିଦ୍ୟାଳୟ ସମୂହ ଖେଲ୍‌କୁଦ୍ ପ୍ରତିଯୋଗିତା ଗଲାକାଏଲ୍ ଉଦ୍‌ଘାଟିତ ହେଇଛେ । ଇ ଉତ୍ସବ୍‌ଥି ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଲ୍ ରେବେକା ବିଲୁଙ୍ଗ ଯୋଗ୍ ଦେଇକରି ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା କ୍ଷେତ୍ରଥି ଆଗ୍‌କେ ବଢ଼ିକରି ନାଁ କର୍‌ବାର୍‌କେ ପରାମର୍ଶ ଦେଇଥିଲେ ।

ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍

ବର୍‌ଗଡ୍

ବର୍‌ଗଡ୍ ଲେଙ୍ଗୁ ମିଶ୍ର ଷ୍ଟାଡ଼ିୟମ୍ ନ ଚାଲିଥିବା ଆନ୍ତଃଜିଲ୍ଲା ସାହାଣୀ କପ୍ ଫୁଟ୍‌ବଲ୍ ଟୁର୍ଣ୍ଣାମେଂଟ୍‌ଥି ବର୍‌ଗଡ୍ ଦଲ୍ ସେମିଫାଇନାଲ୍‌ଥି ପୁହୁଁଚିଛେ । ଗଲାକାଏଲ୍ ହେଇଥିବା ମେଚ୍‌ଥି ବର୍‌ଗଡ୍ ଦଲ୍ ୩-୧ ଗୋଲ୍‌ଥି କନ୍ଧମାଲ୍ ଦଲ୍‌କେ ହରେଇଥିଲା । ଆଏବା ୪ ତାରିଖ୍ ଦିନ ବର୍‌ଗଡ୍ ଆର୍ ରାଉର୍‌କେଲା ଭିତ୍‌ରେ ସେମିଫାଇନାଲ୍ ମେଚ୍ ହେବା ବଲି ସୂଚ୍‌ନା ମିଲିଛେ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ଦକ୍ଷିଣ ପୂର୍ବ ବାଂଲାଦେଶ୍ ଆର୍ ଇତାର୍ ଆଖର୍‌ପାଖର୍ ଇଲାକା ନ ଗୁଟେ ଘୂର୍ଣ୍ଣିବଳୟ ହେଇଛେ । ଆଏବା ୪ ତାରିଖ୍‌ତକ୍ ଉତର୍ ବଙ୍ଗୋପ୍‌ସାଗର୍‌କେ ଲାଗିକରି ଥିବା ପଶ୍ଚିମବଙ୍ଗ୍ ଆର୍ ଉତର୍ ଓଡ଼ିଶା ର ସମୁଦ୍ର ଖଁଡ଼ି ଇଲାକା ନ ଲଘୁଚାପ୍ ହେବାର୍ ସମ୍ଭାବନା ରହିଛେ । ବଲି ଆଇଏମ୍‌ଡ଼ି - ଡିଜି ମୃତ୍ୟୁଞ୍ଜୟ ମହାପାତ୍ର ଅନୁମାନ୍ କରିଛନ୍ । ସେ କହିଛନ୍ ଯେ, ଏଛେନ୍ ପ୍ରଶାନ୍ତ ମହାସାଗର୍ ନ ଏଲ୍-ନିନୋ ଥିତି ନ୍ୟୁଟ୍ରାଲ୍ ରହିଛେ । ଅକ୍ଟୋବର୍ କି ନଭେମ୍ବର୍‌ତକ୍ ଲା-ନିନା ଥିତି ରହିପାରେ । ଇତାର୍‌ପ୍ରଭାବ୍‌ଥି ଉତର୍ ଭାରତ୍ ନ ତାପମାତ୍ରା ସ୍ୱାଭାବିକ୍ ଠାନୁ କମ୍ ରହେବାର୍ ସଙ୍ଗେ ଅଏତ୍‌କା ଥଣ୍ଡା ହେଇପାରେ । ସେନ୍ତା ଉପ୍‌ଲର୍ ରାଡ଼ାର୍ ଲାଗି ଅର୍ଡ଼ର୍ ଦିଆ ସରିଛେ ।